## ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ଇଣ୍ଟରନେଟ୍ ରେଡିଓରୁ ପାଠ ପଢ଼ିବେ ପିଲା




- **ଉନ୍ମୋଚିତ ହେଲା ଇଣ୍ଟରନେଟ୍ ରେଡିଓ 'ପ୍ରଜ୍ଞାବାଣୀ'**
- **ଆଗକୁ ମୋବାଇଲ୍ ଆପସ୍‌ରେ ଦୂର ନିରନ୍ତର ଶିକ୍ଷା**

ଭୁବନେଶ୍ୱର,୧୦।୬(ବ୍ୟୁରୋ): ସମ୍ବଲପୁରସ୍ଥିତ ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଆଜି ରାଜଧାନୀରେ ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରିଛି। ଜୟଦେବ ଭବନରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଇଣ୍ଟରନେଟ୍ ରେଡିଓ 'ପ୍ରଜ୍ଞାବାଣୀ' ଉନ୍ମୋଚିତ ହୋଇଯାଇଛି। ଏହା ରାଜ୍ୟରେ ଶିକ୍ଷା ସମ୍ବନ୍ଧୀୟ ପ୍ରଥମ ଇଣ୍ଟରନେଟ୍ ରେଡିଓ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା ଏହି ରେଡିଓରୁ ୧୪ଟି କୋର୍ସର ପାଠ୍ୟକ୍ରମ ଅଡିଓ ମାଧ୍ୟମରେ ଓଡିଆ ଭାଷାରେ ଉପଲବ୍ଧ ହେଉଛି। ଆଗକୁ ମୋବାଇଲ୍ ଆପସ୍ ମାଧ୍ୟମରେ ମୁକ୍ତ ବିଶ୍ୱବିଦ୍ୟାଳୟ ଦୂର ନିରନ୍ତର ଶିକ୍ଷା ଦେବାକୁ ଯୋଜନା ରହିଛି ବୋଲି ବିଶ୍ୱବିଦ୍ୟାଳୟର କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି।

ଏହି ଇଣ୍ଟରନେଟ୍ ରେଡିଓ www.pragynavani.com କୁ ଖୋଲି ଛାତ୍ରଛାତ୍ରୀମାନେ ଏଥିରେ ଥିବା ପାଠ୍ୟକ୍ରମକୁ ଶୁଣିପାରିବେ। ଯେ କୌଣସି ସ୍ଥାନରେ ଥାଇ ମଧ୍ୟ ଏହି ଇଣ୍ଟରନେଟ୍ ରେଡିଓକୁ ଶୁଣି ହେବ। ଚାହିଁଲେ, ଏହାକୁ ଡାଉନଲୋଡ୍ କରି ପରେ ମୋବାଇଲ୍ କୋର୍ସର ଅଡିଓ ପାଠ୍ୟକ୍ରମ ପରେ ଶୁଣି ହେବ। ଏଥିରେ ସାଂସ୍କୃତିକ ସାମ୍ବାଦିକତାରୁ ଆରମ୍ଭ କରି କ୍ରୀଡା ସାମ୍ବାଦିକତା, କମ୍ୟୁନିକେସନ୍, ଓଡିଆ ଭାଷା, ମ୍ୟାନେଜ୍‌ମେଣ୍ଟ ଭଳି ବିଷୟର ଅଡିଓ ପାଠ୍ୟକ୍ରମ ରହିଛି।

ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏଚ୍‌ପି ଦୀକ୍ଷିତ୍ ଏହି ଅବସରରେ ଦୂର ନିରନ୍ତର ଶିକ୍ଷା ଉପରେ ପ୍ରତିଷ୍ଠା ଦିବସର ବକ୍ତୃତା ଦେଇଥିଲେ। ଏହା ରାଜ୍ୟରେ ତଥା ଦେଶରେ ଏକ ଶ୍ରେଷ୍ଠ ବିଦ୍ୟାଳୟ ହେବାକୁ ସମସ୍ତେ ପ୍ରୟାସ କରନ୍ତୁ ବୋଲି ପ୍ରଫେସର ଶ୍ରୀ ଦୀକ୍ଷିତ୍ କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ଡ.ଶ୍ରୀକାନ୍ତ ମହାପାତ୍ର କହିଥିଲେ, ଏହି ବିଶ୍ୱବିଦ୍ୟାଳୟରେ କେବଳ ଡିପ୍ଲୋମା କୋର୍ସରେ ପାଠ୍ୟକ୍ରମ ଥିବାବେଳେ ଆଗକୁ ସ୍ନାତକୋତ୍ତର ଓ ଅଣ୍ଡର ଗ୍ରାଜୁଏଟ୍ କୋର୍ସ ପ୍ରଚଳନ ହେବ। ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟ ବିଏଡ୍ ଓ ବିଇଡି ସ୍ପେଶାଲ ଏଜୁକେସନ୍‌ରେ ପାଠ୍ୟକ୍ରମ ଆରମ୍ଭ ପାଇଁ ପ୍ରକ୍ରିୟା ଚାଲିଛି। ସମସ୍ତ କୋର୍ସରେ ଆଡମିସନ୍ ସମ୍ପୂର୍ଣ୍ଣ ଭାବେ ଅନଲାଇନ୍ ପ୍ରକ୍ରିୟାରେ ହେଉଛି। ସେହିପରି ଉତ୍ତମ ଶିକ୍ଷକଙ୍କୁ ଆଣି ପାଠ୍ୟକ୍ରମ ପ୍ରସ୍ତୁତ କରିବା ସହ ଶିକ୍ଷା କ୍ଷେତ୍ରରେ ସହଯୋଗ ପାଇଁ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସହ ଏମ୍‌ଓୟୁ ସ୍ୱାକ୍ଷର ହେବ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକ୍ରିଷ୍ଣା ଦେବରାଓ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ ଦାସ ଓ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଜୟନ୍ତ କରଣ ଶର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଲୋଗୋ ଓ ପ୍ରୋଫାଇଲ୍‌କୁ ଉପସ୍ଥିତ ଅତିଥିମାନେ ଉନ୍ମୋଚନ କରିଥିଲେ। ରାଜ୍ୟର ୩୦ ଜିଲ୍ଲାରେ ଏହି ବିଶ୍ୱବିଦ୍ୟାଳୟର ଷ୍ଟଡ଼ି ସେଣ୍ଟର ଖୋଲିବ।